# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 November - 2024

### News Editor : Itishree Singh Rathaur

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅଡର ଅଫ୍ ଦ ନାଇଜର' ସମ୍ମାନରେ ସମ୍ମାନିତ କରିବେ ନାଇଜେରିଆ ସରକାର।

- ଶ୍ରୀଜଗନ୍ନାଥଙ୍କ ଜମିକୁ ବେଆଇନ ଭାବେ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଲେ : ଆଇନମନ୍ତ୍ରୀ।

- ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ହାଇପରସୋନିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ।

ଏବଂ

- ଭୁବନେଶ୍ୱରରେ ଆଜି ଅପରାହ୍ଣରେ ପ୍ରଦାନ କରାଯିବ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର।

*GNR*

## ପ୍ରଧାନମନ୍ତ୍ରୀଙ୍କ ନାଇଜେରିଆ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନାଇଜେରିଆର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ଦ ନାଇଜର' ପ୍ରଦାନ କରାଯିବ। ନାଇଜେରିଆ ସରକାର ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବରୁ ରାଣୀ ଏଲିଜାବେଥ୍ ଏକମାତ୍ର ବିଦେଶୀ ଭାବେ ୧୯୬୯ରେ ଏହି ସମ୍ମାନରେ ସମ୍ମାନିତ ହୋଇଥିଲେ। ସୂଚନା ଅନୁସାରେ ୨ ଦିନିଆ ନାଇଜେରିଆ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ବ୍ରାଜିଲ ଗସ୍ତରେ ଯିବେ।

*Puri*

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି

ଶ୍ରୀଜଗନ୍ନାଥଙ୍କ ଜମିର ବେଆଇନ ବିକ୍ରିକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ବାସେଲୀ ସାହି ଜମି ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା କ୍ରେତା ବିକ୍ରେତା ଏବଂ ସବ୍‌ରେଜିଷ୍ଟ୍ରାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ଏତଲା ଦିଆଯାଇଛି। ୨୦୦୩ ୟୁନିଫର୍ମ ପଲିସି ଅନୁସାରେ ଜବରଦଖଲ ହୋଇଥିବା ଶ୍ରୀଜଗନ୍ନାଥଙ୍କ ଜମିଗୁଡ଼ିକର ବନ୍ଦୋବସ୍ତ କରାଯାଇ ଜମିକୁ

ଜବରଦଖଲମୁକ୍ତ କରାଯିବ । ଏହାଦ୍ୱାରା ୮ ରୁ ୧୦ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

**- V/O -**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପୁରୀ ମାର୍ଫତ ପରିଚାଳନା କମିଟିଙ୍କ ସମସ୍ତ ଜମିପଟ୍ଟାଗୁଡ଼ିକର କମ୍ପ୍ୟୁଟରୀକରଣ କରାଯାଇଛି । ବିକ୍ରିବଟା ଓ ଲିଜ୍‌କୁ ଏହାଦ୍ୱାରା ସ୍ୱଚ୍ଛ କରାଯାଇପାରିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

***Desk***

# ରାସ୍ତା ନିର୍ମାଣ-ସ୍ୱତନ୍ତ୍ର ନୀତି

ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ନୀତି ସରକାର ପ୍ରଣୟନ କରିବେ । ଭୁବନେଶ୍ୱର ଲୋକସେବା ଭବନରେ ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଉତ୍ତମ ସମନ୍ୱୟ ଅଭାବରୁ ରାସ୍ତା ନିର୍ମାଣ ଓ ମରାମତି ନେଇ ଅନେକ ସମସ୍ୟା ବାରମ୍ବାର ସୃଷ୍ଟି ହେଉଥିବାରୁ ଆସନ୍ତା ୫୦ବର୍ଷକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି । ବୈଠକରେ ପୁରୁଣା ରାସ୍ତା ମରାମତି ପାଇଁ କର୍ପସ ପାଣ୍ଠି ଗଠନ ଏବଂ ୨୦୨୯ ମସିହା ସୁଦ୍ଧା ୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସବୁଦିନିଆ

ରାସ୍ତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ଆଲୋଚନା ହୋଇଥିଲା । ସେହିଭଳି ବୈଠକରେ ବିଭିନ୍ନ ରାସ୍ତାଗୁଡ଼ିକର ସ୍ଥିତି ନେଇ ଏକ ଡାଟାବେସ୍ ପ୍ରସ୍ତୁତ, ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ରୋଡ୍‌ମ୍ୟାପ୍, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟିଦେଇ ନୀତି ପ୍ରଣୟନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ରୋବୋଟିକ ସର୍ଜରୀ

ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ରୋବୋଟିକ ସର୍ଜରୀ ଆରମ୍ଭ କରିବେ । ଏହାସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗକୁ ବ୍ୟାପକ କରାଯିବ ବୋଲି ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନରେ ଅନୁଷ୍ଠିତ ଏଏସ୍‌ଆଇ ଓଡ଼ିଶାର ଅଣଚାଳିଶତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ନୂତନ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଯୋଜନା କରାଯାଉଛି । ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

*Rayagada*

## ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

ଗଣଶିକ୍ଷା ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାୟଗଡ଼ା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ଚନ୍ଦ୍ରପୁର ବ୍ଲକ ଡଙ୍ଗସୋରଡ଼ାର ସେବାଶ୍ରମ ବିଦ୍ୟାଳୟରେ ୮ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ପରେ ବିଷମକଟକ ବ୍ଲକ ଡାକୁଲୁଗୁଡ଼ାଠାରେ ନବନିର୍ମିତ ଉଚ୍ଚ ବିଦ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ରାୟଗଡ଼ା ଜିଲ୍ଲାପରିଷଦ ବୈଠକଗୃହରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ନୂତନ ଶିକ୍ଷାନୀତି ଶୀଘ୍ର ଲାଗୁ କରିବାକୁ ଯାଉଛନ୍ତି ବୋଲି କହିଛନ୍ତି।

*GNR*

## ଡିଆର୍‌ଡିଓ

ଓଡ଼ିଶା ଉପକୂଳରେ ଥିବା ଡକ୍ଟର ଏ.ପି.ଜେ ଅବଦୁଲକଲାମ ଦ୍ୱୀପରୁ ଦେଶର ପ୍ରଥମ ଦୀର୍ଘଦୂରତା ଅତିକ୍ରମ କରୁଥିବା ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ– ଡିଆର୍‌ଡିଓ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ,

ଏହି କ୍ଷେପଣାସ୍ତ୍ର ୧ହଜାର ୫୦୦ କିଲୋମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିପାରିବ । ଏହାସହ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଅତିଜ୍ୱଳନଶୀଳ ଯୁଦ୍ଧାସ୍ତ୍ର ବହନ କରିପାରିବ । ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ଦୂରତା ୧ ହଜାର ୩୬୮ କିଲୋମିଟର ରହିଛି । ଏଥିରେ ୨ଟି ପର୍ଯ୍ୟାୟରେ ଇଞ୍ଜିନ ବ୍ୟବହାର କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଦେଶର ଏକ ଐତିହାସିକ ଉପଲବ୍ଧି । ଏହାଦ୍ୱାରା ଭାରତ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତଥା ଉନ୍ନତ ସାମରିକ ଜ୍ଞାନକୌଶଳ କ୍ଷମତା ସମ୍ପନ୍ନ ରାଷ୍ଟ୍ରଗୋଷ୍ଠୀରେ ସାମିଲ ହୋଇଛି । ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ଡିଆର୍‌ଡିଓ, ସଶସ୍ତ୍ର ବାହିନୀ ଏବଂ ସମ୍ପୃକ୍ତ ଶିଳ୍ପଗୋଷ୍ଠୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

***I&PR***

## ମୁଖ୍ୟମନ୍ତ୍ରୀ– ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଏବଂ ୨୫ ତାରିଖ ସୋମବାର ଦିନ ବନ୍ଦ ରହିବ । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଦିନ ମାନଙ୍କରେ ଭୁବନେଶ୍ୱର ୟୁନିଟ୍‌-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ନୌସେନା ଦିବସ-ସମୀକ୍ଷା

ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆସନ୍ତା ଡିସେମ୍ବର ୪ ତାରିଖରେ ପାଳିତ ହେବାକୁ ଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମର ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମୀକ୍ଷା କରିଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ଖୁରାନିଆ ସରକାର, ସ୍ଥାନୀୟ ପ୍ରଶାସନ ଏବଂ ନୌସେନାର ମିଳିତ ସହଯୋଗରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁସାରେ ପ୍ରଥମଥର ପାଇଁ ନୌସେନା ପକ୍ଷରୁ ଓଡ଼ିଶାରେ ଏହି ଦିବସ ଆୟୋଜନ କରାଯିବ । କାର୍ଯ୍ୟକ୍ରମରେ ନୌସେନାର ଅତ୍ୟାଧୁନିକ ଜାହାଜ ଓ ବିମାନକୁ ପ୍ରଦର୍ଶନ କରାଯିବ । ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଅନ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***BBSR***

## ଏସ୍‌ମା ଅବଧି ବୃଦ୍ଧି

ଜରୁରୀ ସେବା ଯୋଗାଉଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ଜାରି କରାଯାଇଥିବା ଏସ୍‌ମା ଅବଧିକୁ ରାଜ୍ୟ ସରକାର ଆଉ ୬ ମାସ ବୃଦ୍ଧି କରିଛନ୍ତି । ଏନେଇ ଗତକାଲି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ବିଜ୍ଞପ୍ତି ଅନୁସାରେ ଆମ୍ବୁଲାନ୍ସ ଚାଳକ, ଆଟେଣ୍ଡାଣ୍ଟ, ରେଫର

ସେବା ଯୋଗାଉଥିବା ପରିବହନ କର୍ମଚାରୀମାନେ ଆନ୍ଦୋଳନ କରିପାରିବେ ନାହିଁ।

***Desk***

## ହାତୀ ଗଣନା

ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ଶୀତକାଳୀନ ହାତୀଗଣନା ଶେଷ ହୋଇଛି । ଚଳିତମାସ ୧୪ ତାରିଖରୁ ୧୬ ତାରିଖ ମଧ୍ୟରେ ରାଜ୍ୟର ୪୮ଟି ବନଖଣ୍ଡରେ ଏହି ଗଣନାକାର୍ଯ୍ୟ କରାଯାଇଥିଲା । ଏନେଇ ସର୍ବମୋଟ ୨ହଜାର ୩୨ ସେନ୍‌ସସ ୟୁନିଟ୍ ନିୟୋଜିତ କରାଯାଇଥିବାବେଳେ ୬ହଜାରରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଚଳିତବର୍ଷ ମେ’ ମାସରେ ରାଜ୍ୟର ୨ହଜାର ୯୮ଟି ହାତୀ ଥିବା ଗଣନାରୁ ଜଣାପଡିଛି ।

***Desk***

## ଚଳଚ୍ଚିତ୍ର ପୁରସ୍କାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୦, ୨୦୨୧ ଏବଂ ୨୦୨୨ ବର୍ଷ ନିମନ୍ତେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଆଜି ଅପରାହ୍ଣରେ ଭୁବନେଶ୍ୱରରେ ପ୍ରଦାନ କରାଯିବ। ଜୀବନବ୍ୟାପୀ ସାଧନା ପାଇଁ ୩ ଜଣଙ୍କୁ ମୋହନସୁନ୍ଦର ଦେବଗୋସ୍ୱାମୀ ସମ୍ମାନ ପ୍ରଦାନ କରାଯିବ । ୨୦୨୦ ମସିହା ପାଇଁ ଲେଖକ, ନିର୍ଦ୍ଦେଶକ

ଓ ନାଟ୍ୟକାର ଅନନ୍ତ ମହାପାତ୍ର, ୨୦୨୧ ପାଇଁ ବିଶିଷ୍ଟ ଚିତ୍ର ଉତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ ମସିହାପାଇଁ ହାସ୍ୟ ଅଭିନେତା ଜୟିରାମ ସାମଲଙ୍କୁ ପୁରସ୍କୃତ କରାଯିବ। ରାଜ୍ୟପାଳ ରଘୁବର ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

*I&PR*

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ନୂଆଦିଲ୍ଲୀର ଭାରତମଣ୍ଡପମ୍‌ଠାରେ ଚାଲିଥିବା 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'ରେ 'ଓଡ଼ିଶା ମଣ୍ଡପ' ଅନ୍ୟତମ ଆକର୍ଷଣ ସାଜିଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥା ପକ୍ଷରୁ ସେଠାରେ ୨୫ଟି ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି। ଓଡ଼ିଶାର ଅନନ୍ୟ କଳା, କାରିଗରୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହ ଜନଜାତି କଳାକୃତି ପ୍ରଦର୍ଶନ କରାଯାଇଛି। ସେହିପରି ରାଜ୍ୟର ସ୍ୱତନ୍ତ୍ର ହାତବୁଣା ଶାଢ଼ୀ, ବିଭିନ୍ନ ଗ୍ରାମୀଣ ଉତ୍ପାଦ, ମିଶନ ଶକ୍ତି ମହିଳାଙ୍କ ହାତତିଆରି ଜିନିଷ ଆଦି କିଣିବା ପାଇଁ ଦେଶବିଦେଶର ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖାଦେଇଛି। ଭାରତମଣ୍ଡପମ୍‌ର ସ୍ୱତନ୍ତ୍ର ଫୁଡ୍‌ଜୋନ୍‌ରେ ଓଡ଼ିଶା ବ୍ୟଞ୍ଜନର ଷ୍ଟଲ ଖୋଲାଯାଇଥିବା ବେଳେ ରସଗୋଲା, ଦହିବରା, ଛେନାଝିଲ୍ଲୀ ଲୋକଙ୍କୁ ଆକର୍ଷିତ କରୁଛି। ବିକଶିତ ଭାରତ ୨୦୪୭ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ

ଓଡ଼ିଶା ମଣ୍ଡପ ଡିଜାଇନ୍‌ରେ ସଂସ୍କୃତ ଓ ପ୍ରଯୁକ୍ତିର ମିଶ୍ରଣ ଦେଖିବାକୁ ମିଳିଛି । କୋଣାର୍କ ମନ୍ଦିରର ପ୍ରତିରୂପ ଓ ରତ୍ନଗିରିର ବୌଦ୍ଧ କୀର୍ତ୍ତିରାଜି ସହ ଅତ୍ୟାଧୁନିକ ବୁଲେଟ ଟ୍ରେନ୍ ଓ ଶିଳ୍ପ ପ୍ରଗତିର ଚିତ୍ର ପ୍ୟାଭିଲିୟନରେ ସ୍ଥାନ ପାଇଛି ।